بسم الله الرحمن الرحیم

**ଖୁତ୍‌ବା ଜୁମା ୨୯ ଜାନୁଆରୀ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ଆଜି ମଧ୍ୟ ମୁଁ ହଜ୍‌ରତ ଉସ୍‌ମାନ୍ ର.ଅଙ୍କର ଚର୍ଚ୍ଚା କରିବି । ସର୍ବପ୍ରଥମ ଆପଣଙ୍କ ଯୁଦ୍ଧରେ ଅଂଶ ଗ୍ରହଣ କରିବା ପ୍ରସଙ୍ଗରେ ଚର୍ଚ୍ଚା କରି ଦେଉଛି । ହ. ଉସ୍‌ମାନ୍ ର.ଅ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ । କାରଣ ହ. ଉସ୍‌ମାନ୍ ର.ଅଙ୍କ ପତ୍ନୀ ହଜ୍‌ରତ ରୁକ୍‌ୟା ବିନ୍ତ୍ ରସୁଲୁଲ୍ଲାଃ ସ.ଅଙ୍କ ସୁପୁତ୍ରୀଙ୍କ ସ୍ୱସ୍ଥ୍ୟାବସ୍ଥା ଅତ୍ୟନ୍ତ ସଂକାଟାପନ୍ନ ଥିଲା । ଅତଏବ ଆଁହଜ୍‌ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ଆଦେଶ ଦେଇ କହିଲେ ଯେ, ହ. ରୁକ୍‌ୟା ର.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଆପଣ ମଦିନାରେ ହିଁ ରୁହନ୍ତୁ । ବଦରରୁ ଫେରିବା ପରେ ହ. ଉସ୍‌ମାନ୍ ର.ଅଙ୍କୁ ଆଁହଜ୍‌ରତ ସ.ଅ ବଦର୍ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ସାହାବାମାନଙ୍କ ମଧ୍ୟରେ ସାମିଲ୍ କରିଥିଲେ । ଏଣୁ ଆଁହଜ୍‌ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ବଦର୍ ଯୁଦ୍ଧରେ ଅଂଶ ଗ୍ରହଣକାରୀଙ୍କ ପରି ମାଲେ ଗନିମତ୍‌ରେ ଓ ପୁଣ୍ୟରେ ଏକ ଅଂଶ ମଧ୍ୟ ପ୍ରଦାନ କରିଥିଲେ ।

ଗତ୍‌ଫାନ୍ ଯୁଦ୍ଧ ୩ ହିଜରୀରେ ହୋଇଥିଲା । ଏଥିପାଇଁ ନଜଦ୍ ଅଞ୍ଚଳ ଅଭିମୁଖେ ଯିବା ସମୟରେ ରସୁଲୁଲ୍ଲାଃ ସ.ଅ ଯେତେବେଳେ ଉସ୍‌ମାନ୍ ର.ଅଙ୍କୁ ମଦିନାର ଅମୀର୍ ନିଯୁକ୍ତ କଲେ ସେତେବେଳେ ସେହି ଦୃଷ୍ଟିରୁ ହ. ଉସ୍‌ମାନ୍ ର.ଅ ଗତ୍‌ଫାନ୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇ ନଥିଲେ । ଉକ୍ତ ଯୁଦ୍ଧର ବିସ୍ତୃତ ବିବରଣୀ ହ. ମିର୍ଜ୍ଜା ବଶୀର୍ ଅହମଦ୍ ସାହେବ୍ ଏମ୍.ଏ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ବନୁ ଗତ୍‌ଫାନ୍‌ର କେତେକ ସଂପ୍ରଦାୟ ଅର୍ଥାତ ବନୁ ସାଆଲ୍‌ବା ଏବଂ ବନୁ ମହାରିବ୍‌ର ଲୋକମାନେ ନିଜର ପରିଚିତ ଯୋଦ୍ଧାର ଆହ୍ୱାନ କ୍ରମେ ମଦିନା ଉପରେ ହଠାତ୍ ଆକ୍ରମଣ କରିବା ଉଦ୍ଦେଶ୍ୟରେ ନଜଦ୍‌ର ଜ଼ି-ଅମ୍ର ନାମକ ସ୍ଥାନରେ ଏକତ୍ରିତ ହେବା ଆରମ୍ଭ କଲେ । ଆଁହଜ୍‌ରତ ସ.ଅ ୪୫୦ ସଂଖ୍ୟକ ସାହାବାମାନଙ୍କୁ ନିଜ ସାଙ୍ଗରେ ଧରି ମଦିନାରୁ ବାହାରିଲେ ଏବଂ ଦ୍ରୁତ ବେଗରେ ସେଠାରୁ ପ୍ରସ୍ଥାନ କରି ଜ଼ି-ଅମ୍ର ଅଞ୍ଚଳରେ ପହଞ୍ଚିଗଲେ । ଯେତେବେଳେ ଶତ୍ରୁମାନଙ୍କୁ ଆଁହଜ୍‌ରତ ସ.ଅଙ୍କ ଆଗମନର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ଯଥାଶୀଘ୍ର ଆଖପାଖର ପର୍ବତ ଉପରେ ଚଢି ନିଜକୁ ସୁରକ୍ଷିତ କରିନେଲେ ଏବଂ ମୁସଲମାନମାନେ ଯେତେବେଳେ ଜ଼ି-ଅମ୍ର ଠାରେ ପହଞ୍ଚିଲେ ସେତେବେଳେ ଯୁଦ୍ଧଭୂମି ଖାଲି ପଡ଼ିଥିଲା । ପରିଶେଷରେ ଆଁହଜ୍‌ରତ ସ.ଅ ଅନନ୍ୟୋପାୟ ହୋଇ ସାହାବାମାନଙ୍କୁ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାର ଆଦେଶ ଦେଇଥିଲେ । ଓହୋଦ୍ ଯୁଦ୍ଧ ଶୱାଲ୍ ମାସ ୩ ହିଜ୍‌ରୀରେ ହୋଇଥିଲା, ହ. ଉସ୍‌ମାନ୍ ର.ଅ ତହିଁରେ ସାମିଲ୍ ହୋଇଥିଲେ । ଯୁଦ୍ଧ ସମୟରେ ସାହାବାମାନଙ୍କ ଏଭଳି ଏକ ଦଳ ରହିଥିଲା ଯିଏ ଆଁହଜ୍‌ରତ ସ.ଅଙ୍କ ଶାହାଦତ୍‌ର ଖବର ଶୁଣି ଯୁଦ୍ଧଭୂମିରୁ ଏଣେତେଣେ ବିକ୍ଷିପ୍ତ ହୋଇ ଯାଇଥିଲା । ଆଁହଜ୍‌ରତ ସ.ଅଙ୍କ ଶାହାଦତ୍‌ର ଖବର ଶୁଣି ମୁସଲମାନମାନେ ସ୍ତବ୍ଧ ଓ ସ୍ତମ୍ଭୀଭୂତ ହୋଇ ଯାଇଥିଲେ ଏବଂ ସେମାନଙ୍କର ଏକତା ଓ ମନୋବଳ ଭାଙ୍ଗି ଯାଇଥିଲା । ମୁସଲମାନମାନେ ସେତେବେଳେ ତିନି ଭାଗରେ ବିଭକ୍ତ ହୋଇ ଯାଇଥିଲେ । ଦଳେ ଆଁହଜ୍‌ରତ ସ.ଅଙ୍କ ଶାହାଦତ୍‌ର ଖବର ଶୁଣି ବିକ୍ଷିପ୍ତ ହୋଇ ଯାଇଥିଲା । କିନ୍ତୁ ଉକ୍ତ ଦଳର ସଂଖ୍ୟା ଖୁବ୍ କମ୍ ଥିଲା । ଏହି ଦଳରେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ମଧ୍ୟ ସାମିଲ ଥିଲେ । କିନ୍ତୁ ଯେପରି ପିବିତ୍ର କୁରଆନ୍‌ରେ ଉଲ୍ଲେଖ ରହିଛି ଯେ, ସେତେବେଳର ବିଶେଷ ପରିସ୍ଥିତି ଏବଂ ସେହି ସାହାବାମାନଙ୍କର ଆତ୍ମିକ ବିଶ୍ୱାସ ଓ ନିଷ୍ଠାକୁ ଦୃଷ୍ଟିରେ ରଖି ଅଲ୍ଲାଃତାଲା ସେମାନଙ୍କୁ କ୍ଷମା କରି ଦେଇଥିଲେ । ଦ୍ୱିତୀୟ ଦଳ ପଳାୟନ ତ' ଅବଶ୍ୟ କଲା କିନ୍ତୁ ବିକ୍ଷିପ୍ତ ହୋଇ ନଥିଲା । କିନ୍ତୁ ଆଁହଜ୍‌ରତ ସ.ଅଙ୍କ ଶାହାଦତ୍‌ର ଖବର ଶୁଣି ଧୈର୍ଯ୍ୟ ଓ ସାହସ ହରାଇ ସ୍ତମ୍ଭୀଭୂତ ହୋଇଯାଇଥିଲେ କିମ୍ବା ବର୍ତ୍ତମାନ ଲଢିବାକୁ ଅବ୍ୟର୍ଥ ବୋଲି ମନେ କରୁଥିଲେ ଏବଂ ଏଇଥି ପାଇଁ ଯୁଦ୍ଧଭୂମିରୁ ଏକ ପାର୍ଶ୍ୱକୁ ହଟି ଯାଇ ଭାଙ୍ଗିପଡ଼ି ଅସହାୟ ପରି ବସି ଯାଇଥିଲେ । ତୃତୀୟ ଦଳ ଯିଏକି ନିରନ୍ତର ରୂପେ ଲଢି ଚାଲିଥିଲା । ତନ୍ମଧ୍ୟରୁ ଏଭଳି କେତେକ ଲୋକମାନେ ରହିଥିଲେ ଯେଉଁମାନେ ଆଁହଜ୍‌ରତ ସ.ଅଙ୍କ ଆଖ ପାଖରେ ଏକତ୍ରିତ

ହୋଇଥିଲେ ଏବଂ ଦୃଷ୍ଟାନ୍ତମୂଳକ ବଳିଦାନର ଦକ୍ଷତା ପ୍ରଦର୍ଶନ କରୁଥିଲେ ଏବଂ ଆହୁରି ଅନେକ ସାହାବାମାନେ ଯେଉଁମାନେ ଯୁଦ୍ଧ ଭୂମିରେ ବିକ୍ଷିପ୍ତ ଭାବରେ ଲଢୁଥିଲେ ।

ସେ ଯାହା ହେଉ ନା କାହିଁକି ଏହା ବର୍ଣ୍ଣନା କରାଯାଏ ଯେ, ହ. ଉସ୍‌ମାନ୍ ର.ଅ ହତୋତ୍ସାହିତ ହୋଇ ଅଥବା ସେତେବେଳେ ଅନ୍ୟ କୌଣସି କାରଣରୁ ଆଁହଜ଼ରତ ସ.ଅଙ୍କର ଖବର ଶୁଣି ସେଠାରୁ ଚାଲି ଯାଇଥିଲେ ଏବଂ ଏହିପରି ହତୋତ୍ସାହିତ ହୋଇ ବସି ରହିଥିବା ସାହାବାମାନଙ୍କ ମଧ୍ୟରେ ହ. ଉମର୍ ର.ଅଙ୍କ ଚର୍ଚ୍ଚା ମଧ୍ୟ ମିଳେ ।

ହଜ଼ୁର ଅନୱର୍ ଅ.ବ କହିଲେ: ବର୍ତ୍ତମାନ ମୁଁ ଏହା ବର୍ଣ୍ଣନା କରିବି ଯେ, ସୁଲାହ୍ ହୁଦୈବିୟା ଅବସରରେ ଯେଉଁ ଦୂତ ସନ୍ଦେଶ ନେଇ ଆସିଥିଲେ ଏବଂ ବୈଅତେ ରିଜ଼ୱାନ୍ ହୋଇଥିଲା, ଏଥିରେ ହ. ଉସ୍‌ମାନ୍ ର.ଅଙ୍କର ଭୂମିକା କ'ଣ ଥିଲା ଏବଂ ହ. ଉସମାନ୍ ର.ଅଙ୍କ ସଂପର୍କରେ କେଉଁ ଘଟଣାବଳୀ ବର୍ଣ୍ଣିତ ହୋଇଛି ? ଏକଦା ଆଁହଜ଼ରତ ସ.ଅ ସ୍ୱପ୍ନ ଦେଖିଲେ ଯେ, ସେ ଓ ସାହାବାମାନେ ଶାନ୍ତିପୂର୍ବକ ନିଜର କେଶ ମୁଣ୍ଡନ କରି ଏବଂ କେଶ ଛୋଟ କରି ବୈତୁଲ୍ଲାଃରେ ପ୍ରବେଶ କରିଛନ୍ତି । ଉକ୍ତ ସ୍ୱପ୍ନାନୁଯାୟୀ ଆଁହଜ଼ରତ ସ.ଅ ଜ଼ୁଲ୍ କାଆଦା ୬ ହିଜରୀରେ ନିଜର ୧୪୦୦ ସାହାବାମାନଙ୍କ ସହିତ ଉମ୍ରା କରିବା ଉଦ୍ଦେଶ୍ୟରେ ମକ୍କା ଅଭିମୁଖେ ବାହାରିଲେ । ହୁଦୈବିୟା ନାମକ ସ୍ଥାନରେ ଆଁହଜ଼ରତ ସ.ଅ ଶିବିର ଲଗାଇଲେ । କୁରୈଶ୍‌ମାନେ କିନ୍ତୁ ଆଁହଜ଼ରତ ସ.ଅଙ୍କୁ ଉମ୍ରା କରିବାକୁ ରୋକିଲେ । ଉଭୟ ପକ୍ଷଙ୍କ ମଧ୍ୟରେ ରାଜଦୂତ କାର୍ଯ୍ୟ ଆରମ୍ଭ ହେଲା ଏବଂ ଆଁହଜ଼ରତ ସ.ଅ ଯେତେବେଳେ ମକ୍କାବାସୀଙ୍କ ଭାବାବେଗର ଅବସ୍ଥା ସଂପର୍କରେ ଶୁଣିଲେ ସେତେବେଳେ ଆଁହଜ଼ରତ ସ.ଅ କହିଲେ ଏପରି ଜଣେ ପ୍ରଭାବଶାଳୀ ବ୍ୟକ୍ତିକୁ ପ୍ରେରଣ କରାଯାଉ ଯିଏ ମକ୍କାର ହିଁ ଅଧିବାସୀ ହୋଇଥିବ ଏବଂ କୁରୈଶର କୌଣସି ସମ୍ମାନିତ ସଂପ୍ରଦାୟଭୁକ୍ତ ହୋଇଥିବ । ଅତଏବ ହ. ଉସ୍‌ମାନ୍ ର.ଅଙ୍କୁ ଉକ୍ତ ଉଦ୍ଦେଶ୍ୟ ପୂରଣ ନିମନ୍ତେ ପ୍ରେରଣ କରାଯାଇଥିଲା ।

ହୁଜ଼ୁର ଅନୱର୍ ଅ.ବ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରି କହିଲେ : କୁରୈଶ୍‌ମାନଙ୍କ ମଧ୍ୟରେ ସେତେବେଳେ ଭୟଭୀତ ଓ ବିକ୍ଷିପ୍ତପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସେମାନେ ଦୁଇଟି ଦଳରେ ବିଭାଜିତ ହୋଇ ଯାଇଥିଲେ । ଗୋଟିଏ ଦଳ କୌଣସି ମତେ ମୁସଲମାନମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଜିଦ୍ ଧରି ବସିଥିଲା ଏବଂ ମୁକାବିଲାର ବିଚାରରେ ଅଟଳ ରହିଥିଲା । କିନ୍ତୁ ଦ୍ୱିତୀୟ ଦଳ ଏହାକୁ ନିଜର ପୁରାତନ ଧାର୍ମିକ ବର୍ଣ୍ଣନା ଓ ପ୍ରଥା ବିରୁଦ୍ଧୀୟ ପାଇ ଭୟାଭିଭୂତ ହେଉଥିଲା ଏବଂ କୌଣସି ସମ୍ମାନିତ ଚୁକ୍ତିର ଆଶାବାଦୀ ଥିଲା । ଏଣୁ ନିଷ୍ପତ୍ତିଟି ଘୁଞ୍ଚି ଘୁଞ୍ଚି ଚାଲିଥିଲା । ମକ୍କାର କୁରୈଶ୍‌ମାନେ ନିଜର ଆବେଗରେ ଅନ୍ଧ ହୋଇ ଏହି କଥାର ମନସ୍ଥ କରି ନେଇଥିଲେ ଯେ, ବର୍ତ୍ତମାନ ଯଦିଓ ଆଁହଜ଼ରତ ସ.ଅ ଓ ଆଁହଜ଼ରତ ସ.ଅଙ୍କ ସାହାବାମାନେ ମକ୍କା ଠାରୁ ଏତେ ନିକଟବର୍ତ୍ତୀ ଯେ, ଏମାନଙ୍କ ଉପରେ ଆକ୍ରମଣ କରି ତାଙ୍କର ଯଥା ସମ୍ଭବ କ୍ଷତି ପହଞ୍ଚା ଯାଉ । ସୁତରାଂ ଉକ୍ତ ଅଭିପ୍ରାୟ ପାଇଁ ସେ ୪୦/୫୦ ଜଣ ଲୋକମାନଙ୍କର ଏକ ଦଳ ହୁଦୈବିୟା ଅଭିମୁଖେ ପ୍ରେରଣ କଲେ ଏବଂ ସେହି ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ, ଇସ୍‌ଲାମୀୟ ଶିବିରର ଆଖପାଖରେ ପରିକ୍ରମା କରି ସୁଯୋଗର ଅପେକ୍ଷାରେ ରହିବେ ଏବଂ ମୌକା ଦେଖି ମୁସଲମାନମାନଙ୍କର କ୍ଷତି ସାଧନ କରିବାକୁ ପ୍ରୟାସ କରିବ । ଉକ୍ତ ଅବସରରେ ଆଁହଜ଼ରତ ସ.ଅଙ୍କ ହତ୍ୟା ଷଡ଼ଯନ୍ତ୍ର ମଧ୍ୟ ରଚିଥିଲେ । କିନ୍ତୁ ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲାଙ୍କ କୃପାରୁ ମୁସଲମାନମାନେ ନିଜ ସ୍ଥାନରେ ସତର୍କ ଥିଲେ । ସୁତରାଂ କୁରୈଶ୍‌ର ଉକ୍ତ ଷଡ଼ଯନ୍ତ୍ରର ଭେଦ ଅନାବୃତ୍ତ ହୋଇଗଲା ଏବଂ ସେ ସମସ୍ତଙ୍କୁ ଗିରଫ କରି ନିଆଯାଇଥିଲା ।

ସେ ଯାହା ହେଉ ନା କାହିଁକି ଆମେମାନେ ଯେତେବେଳେ ସେହି ସମସ୍ତ ପରିସ୍ଥିତି ଏବଂ ଏହି ପୃଷ୍ଠଭୂମିରେ ଆଁହଜ଼ରତ ସ.ଅଙ୍କର ନିରବଚ୍ଛିନ୍ନ ଧୈର୍ଯ୍ୟ ଓ ଅଦମ୍ୟ ସାହସ ତଥା ଶାନ୍ତିର ଉଦ୍ୟମକୁ ଅବଲୋକନ କରୁ ଯାହାକି ଚରମ ସୀମାରେ ବିଦ୍ୟମାନ ଥିଲା ସେତେବେଳେ ଆମେମାନେ ଏହି ପରିଣତିରେ ଉପନୀତ ହୋଇଥାଉ ଯେ, ଏଭଳି ଧୈର୍ଯ୍ୟ ଏବଂ ଶାନ୍ତିର ପ୍ରତିଷ୍ଠା ପାଇଁ ଉଦ୍ୟମର ଦୃଷ୍ଟାନ୍ତ ପୃଥିବୀରେ ଅନ୍ୟ କୌଣସି ଠାରେ ଦେଖିବାକୁ ମିଳୁ ନାହିଁ । ଆଁହଜ଼ରତ ସ.ଅ ସର୍ବଦା ଏହି ପ୍ରୟାସରେ ରହୁଥିଲେ ଯେ, କିଭଳି ଶାନ୍ତି ସ୍ଥାପନ ହେଉ । ଏହାପରେ ମଧ୍ୟ ଆଁହଜ଼ରତ ସ.ଅ କେବଳ ପ୍ରୟାସ ଜାରି ରଖିଲେ ନାହିଁ ବରଂ ଆଁହଜ଼ରତ ସ.ଅ ହଜ଼ରତ ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ କହିଲେ କି ଆପଣଙ୍କ ପାଇଁ ଏହା ଉଚିତ୍ ହେବ ଯେ, ଆପଣ ମକ୍କା ଯାଆନ୍ତୁ ଏବଂ ମୁସଲମାନମାନଙ୍କ ପକ୍ଷରୁ ରାଜଦୂତର ଦାୟିତ୍ୱ ନିର୍ବାହ କରନ୍ତୁ । ହଜ଼ରତ ଉମର୍ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଉକ୍ତ ସେବା ନିମନ୍ତେ ହ. ଉସ୍‌ମାନ୍ ର.ଅଙ୍କୁ ନିର୍ବାଚିତ କରାଯାଉ, ଯାହାଙ୍କର ବନୁ ଉମୈୟା

ସଂପ୍ରଦାୟ ବର୍ତ୍ତମାନ ସୁଦ୍ଧା ପ୍ରଭାବଶାଳୀ ରହିଛି ଏବଂ ମକ୍କାବାସୀ ବର୍ତ୍ତମାନ ହ. ଉସ୍‌ମାନ୍ ର.ଅଙ୍କ ବିପକ୍ଷରେ ଦୁଷ୍ଟାମୀ କରିବାର ଦୁଃସାହସ କରିପାରୁ ନଥିଲେ ଏବଂ ଯଦି ହ. ଉସ୍‌ମାନ୍ ର.ଅଙ୍କୁ ପ୍ରେରଣ କରାଯାଏ ତେବେ ସଫଳତାର ଅଧିକ ସମ୍ଭାବନା ରହିଛି । ଆଁହଜ଼ରତ ସ.ଅ ଉକ୍ତ ପରାମର୍ଶକୁ ସ୍ୱାଗତପୂର୍ବକ ହ. ଉସ୍‌ମାନ୍ ର.ଅଙ୍କୁ କହିଲେ ଯେ, ସେ ମକ୍କା ଯାଇ କୁରୈଶ୍‌ମାନଙ୍କୁ ମୁସଲମାନମାନଙ୍କର ଶାନ୍ତି ଓ ସଦ୍‌ଭାବନାମୂଳକ ସନ୍ଦେଶ ଦେଇ, ଆମ ଆଗମନର ଉଦ୍ଦେଶ୍ୟ ଉମ୍ରା କରିବା ପ୍ରସଙ୍ଗରେ ଅବଗତ କରନ୍ତୁ ଏବଂ ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ନିଜ ଆଡୁ ଏକ ଲେଖା ମଧ୍ୟ ଉଲ୍ଲିଖିତ କରିଦେଲେ ଯେଉଁ ପତ୍ରରେ କୁରୈଶ୍‌ର ଅଧିପତିମାନଙ୍କ ନାମ ଉଲ୍ଲେଖ ରହିଥିଲା । ଉକ୍ତ ପତ୍ରରେ ଆଁହଜ଼ରତ ସ.ଅ ନିଜ ଆଗମନର ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କଲେ ଏବଂ କୁରୈଶ୍‌ମାନଙ୍କୁ ଏହି ଆଶ୍ୱାସନା ଦେଲେ ଯେ, ଉପାସନା କରିବା ହିଁ ଆମମାନଙ୍କର ଅଭିପ୍ରାୟ ଏବଂ ଆମେମାନେ ଶାନ୍ତିପୂର୍ଣ୍ଣ ଭାବରେ ଉମ୍ରା କରି ଫେରିଯିବୁ । ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ଏହା ମଧ୍ୟ କହିଲେ କି ମକ୍କାରେ ଯେଉଁ ଦୁର୍ବଳ ମୁସଲମାନମାନେ ଅଛନ୍ତି ସେମାନଙ୍କୁ ମଧ୍ୟ ସାକ୍ଷାତ୍ କରିବାକୁ ଚେଷ୍ଟା କରିବ ଏବଂ ତାଙ୍କୁ ଉତ୍ସାହିତ କରିବ ଏବଂ କହିବ ତୁମେମାନେ ଧୈର୍ଯ୍ୟ ରକ୍ଷା କର । କାରଣ ଅଲ୍ଲାଃତାଲା ନିକଟ ଭବିଷ୍ୟତରେ ତୁମମାନଙ୍କ ଲାଗି ସଫଳତାର ଦ୍ୱାର ଉନ୍ମୁକ୍ତ କରିଦେବେ । ହ. ଉସ୍‌ମାନ୍ ର.ଅ ଏହି ବାର୍ତ୍ତା ଧରି ମକ୍କା ଗଲେ ଏବଂ ଅବୁ ସୁଫିୟାନଙ୍କୁ ସାକ୍ଷାତ୍ କରି ମକ୍କାବାସୀ ସର୍ବ ସାଧାରଣ ସମ୍ମୁଖରେ ଉପସ୍ଥିତ ହେଲେ । ଏହି ଭିଡ଼ରେ ହ. ଉସ୍‌ମାନ୍ ର.ଅ ଆଁହଜ଼ରତ ସ.ଅଙ୍କର ଲେଖନୀ ଆଗତ କଲେ ଯେଉଁ ଲେଖନୀକୁ କୁରୈଶ୍‌ର ବିଭିନ୍ନ ଅଧିପତିମାନଙ୍କୁ ପୃଥକ ପୃଥକ ଭାବରେ ମଧ୍ୟ ଅନୁଶୀଳନ କରିଥିଲେ । କିନ୍ତୁ ତଥାପି ସମସ୍ତ ଲୋକମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ ଯେ, ମୁସଲମାନମାନେ ଚଳିତ ବର୍ଷ ମକ୍କାରେ ପ୍ରବେଶ କରିପାରିବେ ନାହିଁ । ହ. ଉସ୍‌ମାନ୍ ର.ଅଙ୍କ ଜ଼ୋର୍ ଦେବା ଯୋଗୁଁ କୁରୈଶ୍‌ମାନେ କହିଲେ ଯଦି ତୁମେ ଅଧିକ ଉତ୍କଣ୍ଠିତ ତେବେ ଆମେ କେବଳ ତୁମକୁ ବୈତୁଲ୍ଲାଃର ପରିକ୍ରମା କରିବାକୁ ଅନୁମତି ପ୍ରଦାନ କରିବୁ କିନ୍ତୁ ଏହାଠୁ ଅଧିକ ଆମେମାନେ ଆଉ କୌଣସି କଥାର ଅନୁମତି ଏବଂ ସୁଯୋଗ ପ୍ରଦାନ କରି ପାରିବୁ ନାହିଁ । ହ. ଉସ୍‌ମାନ୍ ର.ଅ କହିଲେ ଏହା କିପରି ସମ୍ଭବ ଯେ, ଆଁହଜ଼ରତ ସ.ଅଙ୍କୁ ମକ୍କାର ବାହାରେ ଅଟକାଇ ଦିଆଯିବ ଆଉ ମୁଁ ପରିକ୍ରମା କରିବି ? କିନ୍ତୁ କୁରୈଶ୍‌ମାନେ କୌଣସି ପ୍ରକାରେ ମାନିଲେ ନାହିଁ । ପରିଶେଷରେ ହ. ଉସ୍‌ମାନ୍ ର.ଅ ହତୋତ୍ସାହିତ ହୋଇ ଫେରି ଆସିବାର ପ୍ରସ୍ତୁତି ଆରମ୍ଭ କଲେ । ଉକ୍ତ ଅବସରରେ ମକ୍କାର ଖଳ ପ୍ରକୃତିର ଦୁର୍ବୃତ୍ତମାନଙ୍କୁ ଏହି ଦୁଷ୍ଟାମୀ ମନେ ପଡ଼ିଲା ଯେ, ସେମାନେ ହ. ଉସ୍‌ମାନ୍ ଏବଂ ତାଙ୍କର ସାଥିମାନଙ୍କୁ ମକ୍କାରେ ଅଟକାଇ ଦେଲେ । ଫଳତଃ ମୁସଲମାନମାନଙ୍କ ମଧ୍ୟରେ ଏହି ଗୁଜବ ପ୍ରଚାରିତ ହେଲା ଯେ, ମକ୍କାବାସୀ ହ. ଉସ୍‌ମାନ୍ ର.ଅଙ୍କୁ ହତ୍ୟା କରିଦେଇଛନ୍ତି । ଯେତେବେଳେ ଉକ୍ତ ଖବରଟି ହୁଦୈବିୟାରେ ପହଞ୍ଚିଲା ସେତେବେଳେ ମୁସଲମାନମାନେ କ୍ରୋଧରେ ଜର୍ଜରିତ ହୋଇ ଉଠିଲେ । କାରଣ ହ. ଉସ୍‌ମାନ୍ ର.ଅ ଆଁହଜ଼ରତ ସ.ଅଙ୍କ ଜ୍ୱାଇଁ ଏବଂ ଅତିପ୍ରିୟ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ କୁରୈଶ୍‌ମାନଙ୍କ ନିକଟକୁ ଇସ୍‌ଲାମୀୟ ରାଜଦୂତ ହୋଇ ଯାଇଥିଲେ । ସୁତରାଂ ହୁଜୁର୍ ସ.ଅ ସଙ୍ଗେସଙ୍ଗେ ସମସ୍ତ ମୁସଲମାନମାନଙ୍କ ମଧ୍ୟରେ ଘୋଷଣା କରି ସେମାନଙ୍କୁ ବବୁଲ୍ (ଆକାସିଆ) ବୃକ୍ଷ ତଳେ ଏକତ୍ରିତ କଲେ ଯେତେବେଳେ ସାହାବାମାନେ ଏକତ୍ରିତ ହୋଇଗଲେ ସେତେବେଳେ ଏହି ସମ୍ବାଦର ଚର୍ଚ୍ଚା କରି କହିଲେ ଯେ, ଯଦି ଏହି ସୂଚନାଟି ସଠିକ୍ ତାହାହେଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯେପର୍ଯ୍ୟନ୍ତ ଆମେମାନେ ଉସ୍‌ମାନ୍‌ଙ୍କ ହତ୍ୟାର ପ୍ରତିଶୋଧ ନେଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ଏହି ସ୍ଥାନରୁ ହଟିବା ନାହିଁ । ଏହାପରେ ଆଁହଜ଼ରତ ସ.ଅ ସାହାବାମାନଙ୍କୁ କହିଲେ ଆସ ଏବଂ ମୋ ହସ୍ତ ଉପରେ ହସ୍ତ ରଖି ଶପଥ କର ଯେ, ତୁମମାନଙ୍କ ମଧ୍ୟରୁ କେହିବି ପଳାୟନ କରିବ ନାହିଁ ଏବଂ ନିଜ ଜୀବନକୁ ବାଜି ଲଗାଇବ, କିନ୍ତୁ କୌଣସି ପରିସ୍ଥିତିରେ ନିଜର ସ୍ଥାନକୁ ଛାଡ଼ିବ ନାହିଁ । ଉକ୍ତ ଘୋଷଣାକୁ ଶୁଣି ସାହାବାମାନେ ଏଭଳି ଭାବରେ ଆଁହଜ଼ରତ ସ.ଅଙ୍କ ଆଡ଼କୁ ଧାଇଁଲେ ଯେପରି ସେମାନେ ପରସ୍ପର ଉପରେ ପଡ଼ି ଯାଉଥିଲେ । ଯେତେବେଳେ ବୈଅତ୍ ଚାଲିଥିଲା ସେତେବେଳେ ଆଁହଜ଼ରତ ସ.ଅ ନିଜର ବାମ ହସ୍ତ ଦକ୍ଷିଣ ହସ୍ତ ଉପରେ ରଖି କହିଲେ ଏହା ହେଉଛି ହ. ଉସ୍‌ମାନ୍ ର.ଅଙ୍କର ହସ୍ତ । କାରଣ ସେ ଯଦି ଏଠି ଥାଆନ୍ତେ ତାହାହେଲେ ଏହି ପବିତ୍ର ବୈଅତ୍‌ରୁ କେବେହେଲେ ପୃଥକ ରହି ନ ଥାଆନ୍ତେ । କିନ୍ତୁ ସେ ବର୍ତ୍ତମାନ ଅଲ୍ଲାଃ ଓ ଅଲ୍ଲାଃତାଲାଙ୍କ ବାର୍ତ୍ତାବହକଙ୍କ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ଏହିପରି ଭାବରେ ଏହି ବିଜୁଳୀ ପରି ଦୃଶ୍ୟର ପରିସମାପ୍ତି ଘଟିଥିଲା । ବୈଅତ୍‌ଟି ଇସ୍‌ଲାମୀୟ ଇତିହାସରେ ବୈଅତେ ରିଜ୍‌ୱାନ୍ ନାମରେ ବିଖ୍ୟାତ ଅଟେ । ଅର୍ଥାତ ସେହି ବୈଅତ୍ ଯେଉଁ ବୈଅତ୍‌ରେ ମୁସଲମାନମାନେ ଅଲ୍ଲାଃତାଲାଙ୍କର ପୂର୍ଣ୍ଣ ପ୍ରସନ୍ନତାର ପୁରସ୍କାର ପ୍ରାପ୍ତ

କରିଥିଲେ । ପବିତ୍ର କୁରଆନ୍‌ରେ ମଧ୍ୟ ଉକ୍ତ ବୈଅତ୍‌ର ଉଲ୍ଲେଖ ରହିଛି: **ଲକଦ୍ ରଜ଼ିଅଲ୍ଲାଃହୁ ଅନଲ୍ ମୁମିନନା ଇଜ୍ ୟୁବାଇୟୁନକା ତହ୍‌ତଶ୍ ଶଜରତ ଫଅଲମା ମା ଫି କୁଲୁବହମ୍ ଫଅନ୍‌ଜ଼ଲସ୍ ସକନତା ଅଲୈହମ୍ ଵ ଅସାବହୁମ୍ ଫତ୍‌ହନ୍ କ଼ରବା** । ଅର୍ଥାତ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ଉପରେ ସେତେବେଳେ ଅତି ସନ୍ତୁଷ୍ଟ ହୋଇଗଲେ ଯେତେବେଳେ ସେମାନେ ବୃକ୍ଷ ତଳେ ଶପଥପୂର୍ବକ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ହୃଦୟରେ ଯେଉଁ ବିଶ୍ୱାସ ରହିଥିଲା ସେ ତାହାକୁ ଭଲ ଭାବରେ ଜାଣି ପାରିଲେ, ତେଣୁ ଏଥିଯୋଗୁଁ ସେ ସେମାନଙ୍କ ହୃଦୟରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ ।

ଯେତେବେଳେ କୁରୈଶ୍‌ମାନଙ୍କୁ ଉକ୍ତ ବୈଅତ୍‌ର ସୂଚନା ମିଳିଲା ସେତେବେଳେ ସେମାନେ ଭୟଭୀତ ହୋଇଗଲେ ଏବଂ ସେମାନେ ହ. ଉସ୍‌ମାନ୍ ଓ ତାଙ୍କ ସାଥିମାନଙ୍କୁ କେବଳ ମୁକ୍ତ କରିଦେଇ ନଥିଲେ ବରଂ ନିଜର ରାଜଦୂତମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇ ଦେଲେ ଯେ, ବର୍ତ୍ତମାନ ଯେଉଁଭଳି ସମ୍ଭବପର ହେଉଛି ମୁସଲମାନମାନଙ୍କ ସହିତ ସନ୍ଧି କରିନେବୁ । ଅତଏବ ଉକ୍ତ ଚୁକ୍ତିନାମାର ସର୍ତ୍ତଗୁଡ଼ିକ ଏପରି ଥିଲା:

(୧) ଆଁହଜ଼ରତ ସ.ଅ ଓ ଆପଣଙ୍କର ସାଥିମାନେ ଚଳିତ ବର୍ଷ ଫେରି ଯାଆନ୍ତୁ । ଆସନ୍ତା ବର୍ଷ ସେମାନେ ମକ୍କା ଆସି ଉମ୍ରାର ପ୍ରଥାକୁ ପୂରଣ କରିପାରିବେ । କିନ୍ତୁ ବନ୍ଦ ଖଡ଼୍‌ଗ ଖୋଳରେ ଖଡ଼୍‌ଗ ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ର ନିଜ ସାଙ୍ଗରେ ଆଣିବେ ନାହିଁ ଏବଂ ମକ୍କାରେ ତିନି ଦିନରୁ ଅଧିକ ଦିନ ଅବସ୍ଥାନ କରିବେ ନାହିଁ । (୨) ମକ୍କାବାସୀଙ୍କ ମଧ୍ୟରୁ ଯଦି କୌଣସି ପୁରୁଷ ମଦିନାକୁ ଯାଏ ତେବେ ସେ ପଛେ ମୁସଲମାନ ହୋଇଥାଉ ନା କାହିଁକି ଆଁହଜ଼ରତ ସ.ଅ ଉକ୍ତ ବ୍ୟକ୍ତିକୁ ମଦିନାରେ ଶରଣ ଦେବେ ନାହିଁ ଏବଂ ଉକ୍ତ ବ୍ୟକ୍ତିକୁ ଫେରାଇ ଦେବେ । କିନ୍ତୁ ଯଦି କୌଣସି ମୁସଲମାନ ବ୍ୟକ୍ତି ମଦିନା ଛାଡ଼ି ମକ୍କା ଚାଲିଆସେ ତେବେ ସେହି ବ୍ୟକ୍ତିକୁ ଫେରସ୍ତ କରାଯିବ ନାହିଁ । (୩) ଆରବର ସଂପ୍ରଦାୟ ମଧ୍ୟରୁ ଯେଉଁ ସଂପ୍ରଦାୟ ବି ଚାହିଁବ ସେ ମୁସଲମାନମାନଙ୍କର ହଲିଫ୍ (ମିତ୍ର) ହୋଇ ପାରିବ ଏବଂ ଯିଏ ଚାହିଁବ ସେ ମକ୍କାବାସୀଙ୍କର ମଧ୍ୟ ମିତ୍ର ହୋଇପାରିବ । ଉକ୍ତ ଚୁକ୍ତିନାମାଟି ବର୍ତ୍ତମାନ ଦଶ ବର୍ଷ ପର୍ଯ୍ୟନ୍ତ ଲାଗୁ ରହିବ ଏବଂ ଏହି ଅବଧି ମଧ୍ୟରେ କୁରୈଶ୍ ଓ ମୁସଲମାନମାନଙ୍କ ମଧ୍ୟରେ କୌଣସି ଯୁଦ୍ଧ ହେବ ନାହଁ କି ଅସ୍ତ୍ର ବିରତି ହେବ ନାହିଁ, ଯୁଦ୍ଧ ବିରାମ ରହିବ ।

ହୁଜ଼ୁର ଅନଓ୍ୱର୍ ଅ.ବ କହିଲେ : ହ. ଉସ୍‌ମାନ୍ ର.ଅଙ୍କ ସଂପର୍କିତ ଅବଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ବର୍ଣ୍ଣନା ହେବ । ମୁଁ ବର୍ତ୍ତମାନ ଆପଣମାନଙ୍କୁ ଦୁଆ କରିବା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି ଯେ, ଆପଣମାନେ ବିଶେଷ ରୂପେ ପାକିସ୍ତାନର ପରିସ୍ଥିତି ପାଇଁ ଦୁଆ କରନ୍ତୁ । ଘରର ଚାରି କାନ୍ଥ ମଧ୍ୟରେ ବି ସେମାନେ ବର୍ତ୍ତମାନ ସୁରକ୍ଷିତ ନାହାନ୍ତି । ପ୍ରତ୍ୟେକ ସ୍ଥାନରେ ମୌଲବୀମାନେ ଯେଉଁଠି ପୁଲିସକୁ କହୁଛନ୍ତି ପୁଲିସ୍ ସେଠାରେ ପହଞ୍ଚି ଯାଉଛି । କେତେକ ସୁଶୀଳ ପୁଣ୍ୟ ସ୍ୱଭାବର ପୁଲିସ୍‌ମାନେ ମଧ୍ୟ ଅଛନ୍ତି ଯେଉଁମାନେ କହନ୍ତି ଯେ, ଆପଣଙ୍କ ସହିତ ଆମର ସହାନୁଭୂତି ରହିଛି, କିନ୍ତୁ ଆମେ କ'ଣ ବା କରିପାରିବୁ ? ଆମ ଉପରେ ଆମର ଉପରିସ୍ଥ ଅଧିକାରୀମାନେ ଏତେ ଚାପ ପକାଉଛନ୍ତି, ଯଦ୍ୱାରା ଆମେମାନେ ଆପଣଙ୍କ ସହ ଏଭଳି ଆଚରଣ ପ୍ରଦର୍ଶନ କରିବାକୁ ବାଧ୍ୟ ହେଉଛୁ । ଅଲ୍ଲାଃତାଲା ଏଭଳି ଦୁଷ୍ଟ ଓ କୁଟୀଳ ସ୍ୱଭାବୀୟ ପଦାଧିକାରୀଙ୍କ ଠାରୁ ଆମକୁ ସୁରକ୍ଷା ପ୍ରଦାନ କରନ୍ତୁ, ଦେଶକୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଅହେମଦିକୁ ମଧ୍ୟ ସ୍ୱାଧୀନ ଭାବରେ ଏବଂ ସୁରକ୍ଷାର ପନ୍ଥା ଅନୁଯାୟୀ ନିଜ ମାତୃଭୂମିରେ ବସବାସ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣମାନେ ବିଶେଷ ରୂପେ ଦୁଆ କରନ୍ତୁ । ଯଦି ଆମେମାନେ ଏହିଭଳି ଦୁଆ କରିବା ଅବ୍ୟାହତ ରଖିବା ତେବେ **ଇନ୍‌ଶାଅଲ୍ଲାଃ** ଆମେମାନେ ବିରୋଧୀ ଓ ଉପଦ୍ରବୀମାନଙ୍କ କୁପରିଣତି ଅବଶ୍ୟ ଅବଲୋକନ କରିବା । ସେହି ବିରୋଧୀମାନଙ୍କର କୁପରିଣତି ଅତ୍ୟନ୍ତ ଶିକ୍ଷା ସାପେକ୍ଷ ହେବ । ଅଲ୍ଲାଃତାଲା ଆମମାନଙ୍କୁ ଦୁଆ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସେହି ଦୁଆଗୁଡ଼ିକୁ ସ୍ୱୀକୃତି ମଧ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

........................

**KHULASA KHUTBA JUMA HUZOOR ANWAR a.b.a**

**29th Jan. 2021**